# President of India addresses Indian Community and Friends of India in Bangladesh on the concluding day of his visit to the Country

December 17, 2021

## ବାଙ୍ଗଲାଦେଶ ଗସ୍ତର ଅନ୍ତିମ ଦିନ ଭାରତର ରାଷ୍ଟ୍ରପତି ଭାରତୀୟ ସମୁଦାୟ ଓ ଭାରତର ବନ୍ଧୁମାନଙ୍କୁ ସମ୍ବୋଧିତ କରିଛନ୍ତି

ଡିସେମ୍ବର 17, 2021

ବାଙ୍ଗଲାଦେଶ ଗସ୍ତର ଅନ୍ତିମ ଦିନ (17 ଡିସେମ୍ବର 2021) ଭାରତର ରାଷ୍ଟ୍ରପତି ଶ୍ରୀ ରାମ ନାଥ କୋବିନ୍ଦ ଭାରତର ଉଚ୍ଚାୟୁକ୍ତ ଶ୍ରୀ ବିକ୍ରମ କେ ଦୋରାଇସ୍ୱାମୀଙ୍କ ଦ୍ୱାରା ଢାକାରେ ଆୟୋଜିତ ଭାରତୀୟ ସମୁଦାୟ ଓ ଭାରତର ବନ୍ଧୁମାନଙ୍କ ସ୍ୱାଗତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ଏହି ସମାବେଶକୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଥିଲେ ଯେ ଏହି ବୈଠକ ପୂର୍ବରୁ ସେ ଢାକାରେ ନବୀକୃତ ଐତିହାସିକ ରାମନା କାଳୀ ମନ୍ଦିରର ଉଦଘାଟନ କରିବାର ସୌଭାଗ୍ୟ ପାଇଥିଲେ।  ସେ ଉଲ୍ଲେଖ କରିଥିଲେ ଯେ ମୁକ୍ତି ଯୁଦ୍ଧ ସମୟରେ ପାକିସ୍ତାନୀ ସୈନ୍ୟବାହିନୀ ଦ୍ୱାରା ଭାଙ୍ଗି ଦିଆଯାଇଥିବା ମନ୍ଦିରର ପୁନରୁଦ୍ଧାର ପାଇଁ ବାଙ୍ଗଲାଦେଶ ଏବଂ ଭାରତର ସରକାର ଓ ଲୋକମାନେ ସାହାଯ୍ୟ କରିଥିଲେ। ପାକିସ୍ତାନୀ ସୈନ୍ୟବାହିନୀ ଦ୍ୱାରା ବହୁ ସଂଖ୍ୟକ ଲୋକଙ୍କର ହତ୍ୟା କରାଯାଇଥିଲା। ସେ କହିଥିଲେ ଯେ ଏହି ମନ୍ଦିର ଭାରତ ଏବଂ ବାଙ୍ଗଲାଦେଶର ଲୋକଙ୍କ ମଧ୍ୟରେ ଆଧ୍ୟାତ୍ମିକ ଓ ସାଂସ୍କୃତିକ ବନ୍ଧନର ପ୍ରତୀକ ଅଟେ।

ରାଷ୍ଟ୍ରପତି କହିଥିଲେ ଯେ ଭାରତୀୟଙ୍କ ହୃଦୟରେ ବାଙ୍ଗଲାଦେଶର ଏକ ବିଶେଷ ସ୍ଥାନ ରହିଛି। ଦୁଇ ଦେଶ ମଧ୍ୟରେ ବିଶେଷ ଘନିଷ୍ଠ ସମ୍ପର୍କ ରହିଆସିଛି ଯାହା ଅନେକ ବର୍ଷର ଆତ୍ମୀୟତା, ଭାଷା ଓ ସଂସ୍କୃତିର ଆଦାନ ପ୍ରଦାନ ଉପରେ ଆଧାରିତ। ଦୁଇ ଦେଶର ସଚ୍ଚୋଟ ନେତୃତ୍ୱ ଦ୍ୱାରା ଆମର ସମ୍ପର୍କ ବଜାୟ ରଖାଯାଇଛି।

ରାଷ୍ଟ୍ରପତି କହିଥିଲେ ଯେ ବାଙ୍ଗଲାଦେଶର ପ୍ରଗତିଶୀଳ, ଅନ୍ତର୍ଭୁକ୍ତ, ଗଣତାନ୍ତ୍ରିକ ତଥା ସୁସଂଗତ ସମାଜର ମୂଳ ମୂଲ୍ୟବୋଧକୁ ବଜାୟ ରଖିବା ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ଅନ୍ୟତମ ପ୍ରମୁଖ ଅବଦାନ ଅଟେ। ସେ ପ୍ରତିଶ୍ରୁତି ଦେଇଥିଲେ ଯେ ବାଙ୍ଗଲାଦେଶର ସମର୍ଥନରେ ଭାରତ ଛିଡା ହେବ ଯାହା ଏହି ଦେଶର ମୁକ୍ତି ଆନ୍ଦୋଳନରୁ ଉତ୍ପନ୍ନ ମୂଲ୍ୟବୋଧର ପ୍ରତୀକ ଅଟେ।

ରାଷ୍ଟ୍ରପତି ଖୁସିର ସହ ଉଲ୍ଲେଖ କରିଥିଲେ ଯେ ଉଭୟ ଦେଶର ନେତୃତ୍ୱ ଅବଗତ ଯେ ଆମର ଅଭିବୃଦ୍ଧିର ପଥଗୁଡ଼ିକ ପରସ୍ପର ସହ ଜଡିତ ଏବଂ ନିରନ୍ତର ବିକାଶ ପାଇଁ ସମ୍ବଳ ଓ ଅଭିଜ୍ଞତା ଆଦାନ ପ୍ରଦାନ ହେଉଛି ମନ୍ତ୍ର। ସେ ଆହୁରି ମଧ୍ୟ ଖୁସି ବ୍ୟକ୍ତ କରିଥିଲେ ଯେ ଆମ ଅଭିବୃଦ୍ଧିକୁ ଅନ୍ତର୍ଭୁକ୍ତ, ନିରନ୍ତର ଏବଂ ପରିବେଶ ଅନୁକୂଳ କରିବା ପାଇଁ ଦୁଇ ପକ୍ଷ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି।  ସବୁଜ ଶକ୍ତି ଓ ସ୍ୱଚ୍ଛ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସହଯୋଗକୁ ସୁଦୃଢ କରିବା ପାଇଁ ଅପାର ସମ୍ଭାବନା ଅଛି ବୋଲି ସେ କହିଥିଲେ।

ରାଷ୍ଟ୍ରପତି କହିଥିଲେ ଯେ ଭୁଟାନ ଏବଂ ନେପାଳ ସହିତ ଭୂମି ସୀମା ଥିବା ଏକ ଦେଶ ଭାବରେ ଭାରତ ସଚେତନ ଅଛି ଯେ ଏକ ସଂଯୁକ୍ତ ତଥା ଉନ୍ନତ ଏକୀକୃତ ଉପ ଅଞ୍ଚଳ ଆମ ଲୋକଙ୍କ ପାଇଁ ଉନ୍ନତ ମାନର ଜୀବନ ହାସଲ କରିବା ଏବଂ ସେମାନଙ୍କ ଅଭିବୃଦ୍ଧି ଓ ବିକାଶମୂଳକ ଆକାଂକ୍ଷା ପୂର୍ଣ୍ଣ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ।  ଏହି ଭାବନାର ସହିତ ବାଙ୍ଗଲାଦେଶ ସହ ଭାଗିଦାରୀ କରି ଏହାକୁ ଏକ ଶକ୍ତିଶାଳୀ

ଅର୍ଥନୀତି ଆଡକୁ ଅଗ୍ରସର ହେବାରେ ସାହାଯ୍ୟ କରିବାକୁ ଭାରତ ପ୍ରତିଶ୍ରୁତିବଦ୍ଧ। ବିଶେଷ କରି ବାଙ୍ଗଲାଦେଶ ଏବଂ ଭାରତର ଉତ୍ତର ପୂର୍ବାଞ୍ଚଳ ମଧ୍ୟରେ ବାଣିଜ୍ୟ ଓ ଅର୍ଥନୈତିକ ସଂଯୋଗକୁ ବଢାଇବା ତଥା ନୂତନ ଶିଖରକୁ ନେବା ପାଇଁ ଏହି ସୁଯୋଗର ଲାଭ ନେବା ନିମନ୍ତେ ସେ ଉଭୟ ପକ୍ଷର ବ୍ୟବସାୟିକ ସମୁଦାୟକୁ ଅନୁରୋଧ କରିଥିଲେ।

ବାଙ୍ଗଲାଦେଶର ଭାରତୀୟ ସମୁଦାୟକୁ ପ୍ରଶଂସା କରି ରାଷ୍ଟ୍ରପତି କହିଥିଲେ ଯେ ସେମାନେ ବାଙ୍ଗଲାଦେଶରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଛାପ ଛାଡିଛନ୍ତି। ସେମାନେ ବାଙ୍ଗଲାଦେଶର ଅର୍ଥନୈତିକ ଓ ସାମାଜିକ ବିକାଶରେ ସହଯୋଗ କରିଥିବାବେଳେ ଭାରତ-ବାଙ୍ଗଲାଦେଶର ଦୀର୍ଘସ୍ଥାୟୀ, ନିବିଡ ଦ୍ୱିପାକ୍ଷିକ ସମ୍ପର୍କକୁ ମଧ୍ୟ ସୁଦୃଢ କରିଛନ୍ତି। ସେ କହିଥିଲେ ଯେ ଭାରତୀୟ ସମୁଦାୟ ଆମ ଅଞ୍ଚଳକୁ ସମୃଦ୍ଧ କରି ଭାରତକୁ ଗର୍ବିତ କରୁଛନ୍ତି।  ଏହା କରିବାବଳେେ ସମେ◌ାନେ ଆମ ଦଶେର ମୂଲ୍ୟବ◌ୋଧ ଓ ପରମ୍ପରାକୁ ମଧ୍ୟ ଅନୁସରଣ କରିଛନ୍ତି, ଯାହା ବାଙ୍ଗଲାଦେଶ ସହିତ ଆମର ଅଂଶୀଦାର ଐତିହ୍ୟର ଏକ ଅଂଶ।

ରାଷ୍ଟ୍ରପତି କହିଥିଲେ ଯେ ବିଶ୍ୱର ସବୁ ଭାଗରେ ଭାରତୀୟ ନାଗରିକଙ୍କ ସୁରକ୍ଷା, ନିରାପତ୍ତା, ମଙ୍ଗଳ ଏବଂ କଲ୍ୟାଣ ଆମ ସରକାର ପାଇଁ ପ୍ରାଥମିକତା ଅଟେ। ଦୁନିଆର ପ୍ରତ୍ୟେକ କୋଣ ଅନୁକୋଣରେ, ଗତ ଦେଢ ବର୍ଷ ମଧ୍ୟରେ କୋଭିଡ-19 ମହାମାରୀର ସବୁଠାରୁ ଖରାପ ପର୍ଯ୍ୟାୟରେ ଆମ ନାଗରିକମାନଙ୍କ ଘରକୁ ଫେରିବା ପାଇଁ ସରକାର ବିଶେଷ ଉଦ୍ୟମ କରିଥିଲେ।  ସେ କହିଥିଲେ ଯେ ବିଦେଶରେ ଆମର ନାଗରିକଙ୍କ ସମେତ ପ୍ରବାସୀ ଭାରତୀୟଙ୍କ ସହ ଆମର ସମ୍ପର୍କକୁ ମଜବୁତ କରିବା ପାଇଁ ସରକାର ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ। ସେ ଖୁସିର ସହ ଉଲ୍ଲେଖ କରିଥିଲେ ଯେ ଢାକାରେ ଥିବା ଭାରତୀୟ ଉଚ୍ଚାୟୋଗ ଆମର 'ବନ୍ଦେ ଭାରତ ମିଶନ' ଏବଂ ଅସୁବିଧାରେ ଥିବା ଭାରତୀୟ ନାଗରିକଙ୍କ ପାଇଁ ଅନ୍ୟାନ୍ୟ କଲ୍ୟାଣମୂଳକ କାର୍ଯ୍ୟକଳାପରେ ଆଗରେ ଥିଲା।

ରାଷ୍ଟ୍ରପତି କହିଥିଲେ ଯେ ଏହି ବିଶେଷ ବର୍ଷରେ ଯେତେବେଳେ ଆମେ ମୁକ୍ତି ଯୁଦ୍ଧର ସୁବର୍ଣ୍ଣ ଜୟନ୍ତୀ, ବଙ୍ଗବନ୍ଧୁଙ୍କ ଜନ୍ମ ଶତବାର୍ଷିକୀ ଏବଂ ଆମର ବନ୍ଧୁତ୍ୱର 50 ତମ ବାର୍ଷିକୀ ତଥା ଭାରତର ସ୍ୱାଧୀନତାର 75 ତମ ବାର୍ଷିକୀ ପାଳନ କରୁଛୁ, ସେତେବେଳେ ଆମେ ଆମ ଜାତିର ପିତାଙ୍କ ସ୍ୱପ୍ନକୁ ପୂରଣ କରିବା ଦିଗରେ ନିଜକୁ ପୁନଃଉତ୍ସର୍ଗ କରିବା ଉଚିତ। 1971 ରେ ରକ୍ତ ଓ ବଳିଦାନ ଦ୍ୱାରା ନିର୍ମିତ ବନ୍ଧନ ଉଭୟ ଦେଶକୁ ଏକତ୍ର ବାନ୍ଧି ରଖିବ ବୋଲି ସେ ବିଶ୍ୱାସ ବ୍ୟକ୍ତ କରିଥିଲେ।

**ନୂଆଦିଲ୍ଲୀ**

**ଡିସେମ୍ବର 17, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.